# ସୀତାକାନ୍ତ ମହାପାତ୍ର

ଜନ୍ମ: (୧୯୩୭- ) ମସିହା

ସମକାଳୀନ ଭାରତବର୍ଷର ଦକ୍ଷତମ କବି ଓ ଲେଖକମାନଙ୍କ ମଧ୍ୟରେ ସୀତାକାନ୍ତ ମହାପାତ୍ର ଏକ ଉଲ୍ଲେଖନୀୟ ନାମ । ପରମ୍ପରା ଓ ଆଧୁନିକତା, ଅତୀତର ସ୍ମୃତି ଓ ଭବିଷ୍ୟତର ସ୍ୱପ୍ନ, ଏମାନଙ୍କୁ ଏକୀଭୂତ କରି ସେ ନିରନ୍ତର ସୃଷ୍ଟି ପ୍ରୟାସୀ ଏକ ବିକଳ୍ପ ବାସ୍ତବତାର । କ୍ଲେଶ ଓ କଲ୍ମଷ ଭିତରେ ମଣିଷ ସ୍ଥିତିର ଗଭୀରତମ ଆନନ୍ଦର ସନ୍ଧାନ କରେ ତାଙ୍କ ସାହିତ୍ୟ ସୃଷ୍ଟି । ଜ୍ଞାନପୀଠ, କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀ ପୁରସ୍କାର, ଶାରଳା ପୁରସ୍କାର, କବୀର ସମ୍ମାନ ସହିତ ବହୁ ପୁରସ୍କାର ଦ୍ୱାରା ସେ ସମ୍ମାନିତ । ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଚ୍ଚକୋଟୀର ଅବଦାନ ପାଇଁ ସେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ । ତାଙ୍କ ପୁସ୍ତକ -

**ସଂଭୋଗ, ନିର୍ଜନତା ଓ ଅନ୍ୟାନ୍ୟ ପ୍ରବନ୍ଧ,** ପୃଷ୍ଠା: ୧୧୮, ପ୍ରକାଶକାଳ- ୨୦୦୯, ମୂଲ୍ୟ:ଟ. ୯୦/-

ଜଣେ ସ୍ରଷ୍ଟା ଅନ୍ୟ ସ୍ରଷ୍ଟାମାନଙ୍କୁ କେମିତି ବୁଝେ ବା ଜାଣେ, ସେମାନଙ୍କ ସୃଷ୍ଟିକୁ କେତେ ଆପଣାପଣରେ ଦେଖେ, ତ୍ରୁଟି ବା ସୌନ୍ଦର୍ଯ୍ୟକୁ କେମିତି ଆଲୋଚନା/ସମାଲୋଚନା କରେ ? ଏଭଳି ପ୍ରଶ୍ନର ପରୋକ୍ଷ ଉତ୍ତର ରହିଛି ଏହି ପ୍ରବନ୍ଧ ସଂକଳନଟିରେ । ଏହି ସଂକଳନରେ ରହିଛି ମୋଟ ଅଣତିରିଶିଟି ସାରସ୍ୱତ ପ୍ରବନ୍ଧ । ଗୁରୁପ୍ରସାଦ ମହାନ୍ତି,କିଶୋରୀ ଚରଣ ଦାସ, ଶରତ ମହାନ୍ତି, ହରପ୍ରସାଦ ଦାସ, ଦୀପକ ମିଶ୍ର, ଚିନ୍ତାମଣି ବେହେରାଙ୍କ ପରି କିଛି ସାରସ୍ୱତ ସ୍ରଷ୍ଟାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ଏବଂ ତାଙ୍କ ସୃଷ୍ଟି ସମ୍ପର୍କରେ ମନୋଜ୍ଞ ଆଲୋଚନା ସ୍ଥାନ ପାଇଛି ପ୍ରଥମ ତେରଟି ପ୍ରବନ୍ଧରେ । ଶବ୍ଦ ଓ ବାସ୍ତବତା, ସୃଜନ ପ୍ରକ୍ରିୟାର କେଇଟି ଦିଗ, ଶବ୍ଦ ରୂପ ଓ ଧ୍ୱନି, କାବ୍ୟପୁରୁଷର ଆକୁଳତା ଓ ସନ୍ନ୍ୟାସ, କଳ୍ପନାକ୍ଷମ ହୃଦୟ ଓ ଆମ ସମୟ, ସମ୍ଭୋଗ ନିର୍ଜନତା ଓ କବିତା, ଆନ୍ତରିକ ଅନୁଭବ, ଗଭୀର ସମାଜ ସଂପର୍କ ପରି ଅବଶିଷ୍ଟ ପ୍ରବନ୍ଧ ଗୁଡ଼ିକରେ ରହିଛି ଲେଖକଙ୍କ ସମୀକ୍ଷା, ସୃଜନମନସ୍କତାର ଭିନ୍ନ ସ୍ୱାକ୍ଷର । ପ୍ରବନ୍ଧଗୁଡ଼ିକ ଅନୁଭବର ପ୍ରାଚୁର୍ଯ୍ୟରେ ଭରପୁର, ଅନୁଶୀଳତର ସାବଲୀଳତାରେ ହୃଦୟସ୍ପର୍ଶୀ ।